ଧରିତ୍ରୀ
DHARITRI
ସୋମବାର, ୧ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପ୍ରଶିକ୍ଷଣକୁ ଗଲେ ୧୫୧ ଶିକ୍ଷୟିତ୍ରୀ, ଶିକ୍ଷକ

ନବରଙ୍ଗପୁର, ୩୧।୭ ( ବି.ପ୍ର.)- ନବରଙ୍ଗପୁର ଜିଲାରୁ ୧୫୧ ଜଣ ନବନିଯୁକ୍ତ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ନେବାକୁ ରବିବାର ଯାତ୍ରା କରିଛନ୍ତି । ନବରଙ୍ଗପୁର ଡିଇଓ ପ୍ରଦୀପ ନାଗ, ନୋଡାଲ ଅଧିକାରୀ ତଥା ଏଡିଇଓ ରମେଶ ଲାଲ ନାୟକ, ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଦେବାଶିଷ ଦେ ଓ ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଗାଇଡ଼ ଭାବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଗସ୍ତ କରିଛନ୍ତି ।

### ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

ନବରଙ୍ଗପୁର,୩୧/୭(ବି.ପ୍ର.)- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଦବାଗୁଡା ଅଞ୍ଚଳର ଶେଖ ନିଜାମଙ୍କୁ କେତେକ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି । ଖଣ୍ଡାରେ ତାଙ୍କ ହାତ, ପେଟ, ପିଠି ଓ ଆଣ୍ଠୁକୁ ଆକ୍ରମଣ କରାଯାଇଛି । ପୋଲିସ ୧୧୨ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ବିଶାଖାପାଟଣା ନିଆଯିବା। ଘଟଣାଟି ସ୍ଥାନୀୟ ସାହିଲ ହୋଟେଲ ନିକଟରେ ଘଟିଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଆରମ୍ଭ କରିଛି । ଚିକିତ୍ସିତ ଅବସ୍ଥାରେ ନିଜାମ ୪ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୮ ଜଣ ସଂଘବଦ୍ଧ ଭାବେ ଆସି ଆକ୍ରମଣ କରିଥିବା କହିଛନ୍ତି । ନିଜାମଙ୍କ ଭାଇ ଶେଖ ସମିମ କହିବା ଅନୁଯାୟୀ ନିଜାମ ଜୟପୁର ଯାଇ ଫେରିବା ସମୟରେ ଆକ୍ରମଣ ହୋଇଥିବା ଖବର ପାଇଥିଲେ । ସେ ଆସିବା ବେଳକୁ ପୋଲିସ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅନେକ ଥର ଥାନାରେ ଅଭିଯୋଗ କରାଯାଇଛି । କୌଣସି ପଦକ୍ଷେପ ନିଆ ନ ଯିବାରୁ ଏବେ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

### ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କଲେ ଉପଜିଲାପାଳ

ଆର୍.ଉଦୟଗିରି,୩୧।୭(ଡି.ଏନ.ଏ.): ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଉପଜିଲାପାଳ ଆଲୋକ କୁମାର ପ୍ରଧାନ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିଦର୍ଶନରେ ଆସି ପି.ଗୋବିନ୍ଦପୁର ଗ୍ରାମରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କରିଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କୋଠରି ବୁଲି ଦେଖିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଡାକ୍ତର ନମିତା ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳ ଡାକ୍ତରମାନଙ୍କ ଉପସ୍ଥାନ ଓ କିଛି ନଥିପତ୍ର ତନଖି କରିଥିଲେ।

# ଅବ୍ୟବହୃତ ସାମଗ୍ରୀରେ ଜଗନ୍ନାଥଙ୍କ ଚିତ୍ର ଆଙ୍କୁଛନ୍ତି ଶ୍ରୀକାନ୍ତ

ଉମରକୋଟ,୩୧।୭(ସ୍ୱ.ପ୍ର.)

ପେସାରେ ସେ ହେଉଛନ୍ତି ଜଣେ ବ୍ୟବସାୟୀ। ମାତ୍ର ନିଶା ହେଉଛି ଚିତ୍ର ଆଙ୍କିବା। ତାହା ପୁଣି ବିଭିନ୍ନ ପ୍ରକାର ଅବ୍ୟବହୃତ ଖାଲି ବୋତଲ, ଖାଲି ଡବା, ଅବ୍ୟବହୃତ କାଠ ଓ ସିମେଣ୍ଟରେ। ଉପରୋକ୍ତ ବସ୍ତୁରେ ଅତି ସୁନ୍ଦର ଭାବେ ଚିତ୍ର ଆଙ୍କୁଛନ୍ତି ଉମରକୋଟର ଶ୍ରୀକାନ୍ତ ନନ୍ଦ। ଅବ୍ୟବହୃତ ସାମଗ୍ରୀରେ ତାଙ୍କ ନିର୍ମିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଯିଏ ଦେଖୁଛି ତାଙ୍କ କଳାତ୍ମକ ବିଭବକୁ ପ୍ରଶଂସା ନ କରି ରହିପାରିନି। ଉମରକୋଟ ସହରର ପୁରୁଣା କୋର୍ଟ ନିକଟରେ ରହୁଥିବା ଶ୍ରୀକାନ୍ତ (୩୦)ଙ୍କ ଛୋଟ ବେଳୁ ଆଧ୍ୟାତ୍ମିକ ଦିଗ ପ୍ରତି ରହିଛି ପ୍ରଚଣ୍ଡ ଦୁର୍ବଳତା। ଏଥିରେ ଆକର୍ଷିତ ହୋଇ ସେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କୁଛନ୍ତି। ବିଶେଷକରି ଠାକୁରଙ୍କ ମୂର୍ତ୍ତି ଆଙ୍କିବାରେ ଶ୍ରୀକାନ୍ତଙ୍କ ରହିଛି ଅହେତୁକ ଦୁର୍ବଳତା। ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ଶ୍ରୀକାନ୍ତ ନିଜ ବ୍ୟସ୍ତତା ମଧ୍ୟରୁ କିଛି ସମୟ ବାହାର କରି ମୂର୍ତ୍ତି ତିଆରି କରୁଛନ୍ତି। ତାଙ୍କ କଳାର ସବୁଠାରୁ ଆଶ୍ଚର୍ଯ୍ୟ ଦିଗ ହେଲା ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଇଞ୍ଚରୁ ୨ ଫୁଟ ପର୍ଯ୍ୟନ୍ତ ଚିତ୍ର ଆଙ୍କିଛନ୍ତି। ବର୍ତ୍ତମାନ ଶ୍ରୀକାନ୍ତଙ୍କଠାରୁ ୪ଜଣ ପିଲା ହସ୍ତକଳା ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିପାଇଁ ସେମାନଙ୍କଠାରୁ ସେ କିଛି ପାରିଶ୍ରମିକ ନେଉନାହାନ୍ତି। ସେ ଅନେକ କାଚ ବୋତଲ ଓ କାଠ, ଚକ୍‌ପିସ୍‌ରେ ମୂର୍ତ୍ତି ତିଆରି କରିବା ସହ ସିମେଣ୍ଟରେ ମଧ୍ୟ ମୂର୍ତ୍ତି ତିଆରି କରିପାରିବାର ଦକ୍ଷତା ରଖିଛନ୍ତି। ଭବିଷ୍ୟତରେ ଧାନ ଓ ଚାଉଳରେ ମୂର୍ତ୍ତି ଆଙ୍କିବା ତାଙ୍କର ଲକ୍ଷ୍ୟ ରହିଛି। ୧ ଇଞ୍ଚର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ତିଆରି କରିବା ଲକ୍ଷ୍ୟ ରଖିଥିବା ଶ୍ରୀକାନ୍ତଙ୍କୁ ଆଗାମୀ ଦିନରେ ଯଦି ସରକାରୀ ସହାୟତା ମିଳେ ତେବେ ସେ ନିଜ କଳାର ବିକାଶ ଲାଗି ଅଧିକ ସମୟ ଦେଇପାରିବେ ବୋଲି କହିଛନ୍ତି।

**ପେସା, ନିଶା ସମ୍ପୂର୍ଣ୍ଣ ଅଲଗା**


କାଚ ବୋତଲରେ ଜଗନ୍ନାଥଙ୍କ ଆକୃତି।


ଶ୍ରୀକାନ୍ତ ଚକ୍‌ପିସ୍‌ରେ ଜଗନ୍ନାଥଙ୍କ ଚିତ୍ର ଆଙ୍କିଛନ୍ତି।

# ଗୁଣପୁରରେ ଏଆଇକେଏମ୍ ପକ୍ଷରୁ ଚକାଜାମ



ବାଇବାସ୍ ଛକ ରାସ୍ତାଜାମ।

ଗୁଣପୁର,୩୧।୭(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଣପୁରଠାରେ ରବିବାର ଅଖିଳ ଭାରତ କୃଷକ ମହାସଭା(ଏଆଇକେଏମ୍) ପକ୍ଷରୁ ଚକାଜାମ୍ କରାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନକୁ ସମର୍ଥନ କରି ବାଇପାସ ଛକଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କୃଷକ ମହାସଭାର କର୍ମକର୍ତ୍ତାମାନେ ରାସ୍ତାରୋକୋ କରି ଚକା ଜାମ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନର ମୁଖ୍ୟ ତ୍ରିପତି ଗମାଙ୍ଗଙ୍କୁ ଉଠାଇ ନେବା ପରେ ଚକାଜାମ ପ୍ରତ୍ୟାହୃତ ହୋଇଥିଲା। ଚାଷୀଉତ୍ପାଦନ କରୁଥିବା ସମସ୍ତ ଫସଲର ଏମ୍‌ଏସ୍‌ପି ପାଇଁ ଆଇନଗତ ବ୍ୟବସ୍ଥା କରିବା, କୃଷକମାନଙ୍କ ଉପରେ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟାର ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଜନ ବିରୋଧି ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ଏହି ଚକାଜାମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନାସିମ ଶବର, କୈଳାସ ଶବର, ମଜେଶ ଶବର, ସଞ୍ଜୟ ଶବର, ପଇତ ଶବର, ରାଇନା ଶବର, ଦାନିଏଲ ଶବର, ରାଜେନ୍ଦ୍ର ମାଝି, ଭୀମ ମାଝି, ଜେମ୍‌ସ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ବୈଠକ

ଗୁଣପୁର,୩୧।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ଆଇନ ଉପଦେଷ୍ଟା ପ୍ରଦୀପ କୁମାର ଦାସ, ବ୍ଲକସଭାପତି ଯଶସ୍ୱୀନୀ ମହାପାତ୍ର, ରାୟଗଡ଼ା ବିଜୁ ଶ୍ରମିକ ସଙ୍ଗଠନର ରାଜ୍ୟ ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ସମେତ ସନ୍ଧ୍ୟାରାଣୀ ବାରିକ ଏବଂ ଗୁଣପୁର ବ୍ଲକର ସମସ୍ତ ସଭ୍ୟା ଉପସ୍ଥିତ ଥିଲେ। ବୈଠକରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇ ଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅଣ୍ଡା ସମସ୍ୟା ସହ କେନ୍ଦ୍ରରେ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏପରିକି ଦରମା ବୃଦ୍ଧି ଓ ସ୍ଥାୟୀ କାରଣ ସମ୍ପର୍କରେ ଆଲୋଚନା କରାଯିବା ସହ ସଙ୍ଗଠନ ମାଧ୍ୟମରେ ଅନ୍ୟ ଦାବି ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଅଗଷ୍ଟ ୨୮ ତାରିଖରେ ଆଗାମୀ ବୈଠକ କରାଯାଇ ଅବସର ଗ୍ରହଣ କରିଥିବା କର୍ମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ସ୍ଥିର ହୋଇଛି।

# ବିଷମକଟକ ପୁଡୁଗାଝୁଲି ଘାଟିରେ ଅଟକିଲା ୩ ଟ୍ରକ

ବିଷମକଟକ,୩୧।୭

- ଭବାନୀପାଟଣା-ରାୟଗଡା ଯୋଗାଯୋଗ ବିଚ୍ଛିନ୍ନ
- ୧୦ ଘଣ୍ଟା ଗାଡି ଚଳାଚଳ ବାଧା ପ୍ରାପ୍ତ
- ପୂର୍ତ୍ତ ବିଭାଗ ରାସ୍ତା ୧୫ ଦିନ ଗଲାନି

ରାୟଗଡା ଜିଲା ବିଷମକଟକ ବ୍ଲକରୁ ରାୟଗଡା ଯୋଗାଯୋଗ କରୁଥିବା ୩୨୬ ନମ୍ବର ରାଜ୍ୟ ରାଜପଥରେ ୪ଟି ମାଲ୍ ବୋଝେଇ ଟ୍ରକ ରାସ୍ତା ଉପରେ ଫଁଶି ରହିଛି। ଫଳରେ ଏହି ରାସ୍ତାରେ ଦୀର୍ଘ ୧୦ ଘଣ୍ଟା ଧରି ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଭବାନୀପାଟଣା–ରାୟଗଡାକୁ ଯୋଗାଯୋଗ କରୁଥିବା ରାସ୍ତାରେ ଯାତାୟାତ ବନ୍ଦ ହୋଇଛି । ଉଭୟ ପର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହିଛି।

ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୯ରେ ଏହି ରାସ୍ତା ନିର୍ମାଣ ପାଇଁ ଏକ ଠିକ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହି ଠିକାଦାର ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟରେ ବିଳମ୍ବ କରି ଚାଲିଛନ୍ତି। ନିମ୍ନମାନର କାର୍ଯ୍ୟ କରିଥିବାରୁ ରାସ୍ତାରୁ ପିଚୁ ଉଠି ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଠିକାଦାରଙ୍କ ଏଭଳି କାର୍ଯ୍ୟକୁ କୌଣସି ବିଭାଗୀୟ ଅଧିକାରୀ ଗୁରୁତର ସହ ନେଉନାହାନ୍ତି। ରାସ୍ତାରେ ଗାଡି ଜାମ ହୋଇ ଥାନାକୁ ଜଣାଇଲେ ମଧ୍ୟ କେହି ଘଟଣାସ୍ଥଳକୁ ଆସନ୍ତିନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ରାଜ୍ୟ ରାଜପଥ ନିର୍ମାଣରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଲୋକେ ଉପକୃତ ହେଉନାହାନ୍ତି। ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ବିଷମକଟକରୁ ରାୟଗଡା ଯୋଗାଯୋଗ କରୁଥିବା ଏହି ରାସ୍ତାରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଭାରିଯାନ ରାସ୍ତାରେ ଫଶି ରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏହି ରାସ୍ତା ରାୟଗଡା ଜିଲା ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ବିଷମକଟକ ପୂର୍ତ୍ତ ବିଭାଗ କୋଣସି ପଦକ୍ଷେପ ନେଇ ପାରୁ ନ ଥିବା ଜଣେ ଅଧିକାରୀ କହିଛନ୍ତି। ଏନେଇ ଜିଲା ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏହାର ସ୍ଥାୟୀ ପ୍ରତିକାର ପାଇଁ ବ୍ୟବସ୍ଥା ଚାଲିଛି। ଅଳ୍ପଦିନ ମଧ୍ୟରେ ସମସ୍ୟାର ସମସ୍ୟା ସମାଧାନ ହୋଇଯିବ।


କାଦୁଅ ରାସ୍ତାରେ ଯାନବାହନ ଫସିରହିଛି ।

### ପାଣି ହାଣ୍ଡିରେ ବୁଡ଼ି ଶିଶୁକନ୍ୟା ମୃତ

ମାଲକାନଗିରି,୩୧।୭(ଡି.ଏନ.ଏ.)

ଘରେ କେହି ନ ଥିବାବେଳେ ପାଣି ହାଣ୍ଡିରେ ବୁଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହେବାଭଳି ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ମେକାଲସାହିରେ ଘଟିଛି। ଶିଶୁକନ୍ୟାଟି ଖେଳୁଥିବା ବେଳେ ସେ ଏକ ପାଣି ହାଣ୍ଡିରେ ପଡି ଯାଇଥିଲେ। ସେ ହେଉଛନ୍ତି ଗ୍ରାମର ବୁଦ୍ରା ମାଡିଙ୍କ ୧୧ ମାସର ଶିଶୁ କନ୍ୟା ଡଲି। ଘର ବାହାରେ ଖେଳୁଥିଲା ବେଳେ ବାହାରେ ରଖାଯାଇ ଥିବା ଏକ ପାଣି ଭର୍ତ୍ତି ହାଣ୍ଡିରେ ସେ ମୁହଁମାଡ଼ିପଡ଼ିଯାଇଥିଲେ।

# ତୀରନ୍ଦାଜ ପାଇଁ ଜିଲାରୁ ୬ ଛାତ୍ରୀଛାତ୍ର ମନୋନୀତ

ଉମରକୋଟ,୩୧।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ବିଏସପଦରସ୍ଥିତ ଏସଏସଡି ଉଚ୍ଚ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ର ଭାରତୀୟ ତୀରନ୍ଦାଜ ଖେଳରେ ପ୍ରଶିକ୍ଷଣ ନେବାକୁ ଚୟନ ହୋଇଛନ୍ତି। ସେମାନେ ହେଲେ ଅନୁସୟା ହରିଜନ (୧୩), ଗୀତାଞ୍ଜଳି ଭତ୍ରା (୧୩), ସୁମିତ୍ରା ସାନ୍ତା (୧୩), ଗୋବିନ୍ଦ ଭତ୍ରା (୧୩), ନନ୍ଦ ଭତ୍ରା (୧୨)। ଖେଳ ଶିକ୍ଷକ ସପନ ବୈରାଗୀଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରୀମାନେ ବ୍ଲକସ୍ତରୀୟ ପ୍ରତି ଯୋଗିତାରେ ଭାଗ ନେବେ। ଅନ୍ୟପକ୍ଷରେ ତେନ୍ତୁଳିଖୁଣ୍ଟିରୁ ମଧ୍ୟ ଛାତ୍ରୀ ଏଲ. ସ୍ୱାତିକା ଚୟନ ହୋଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଥରେ ଦକ୍ଷତା ପ୍ରଦର୍ଶନ କରବେ। କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୨ ତାରିଖରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କଳିଙ୍ଗ ଷ୍ଟାଡିୟମର ଖେଳ ଛାତ୍ରାବାସରେ ରହି ସମସ୍ତେ ପ୍ରଶିକ୍ଷଣ ନେବେ। ଏହି ୫ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରୁ ଏସ୍‌ଏସ୍‌ଡି, ବିଏସପଦର ସ୍କୁଲରେ ରହି ଶିକ୍ଷା ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ତୀରନ୍ଦାଜ ପ୍ରତିଯୋଗିତାରେ ଦେଶ ତଥା ରାଜ୍ୟ ପାଇଁ ଖେଳିବାର ଲକ୍ଷ୍ୟ ରଖିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତଙ୍କୁ ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁ ଓ ଜିଲା ଆଥ୍‌ଲେଟିକ ସଂଘର ଇନଡୋର କ୍ରୀଡା ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।


ବିଏସ୍‌ପଦର ସ୍କୁଲର କ୍ରୀଡ଼ା ଶିକ୍ଷକ ଓ ଚୟନ ହୋଇଥିବା ଛାତ୍ରୀଛାତ୍ର।

# ଉଚ୍ଚଶିକ୍ଷିତ ଯୁବକଙ୍କୁ ରାସ୍ତାରେ ବାନ୍ଧି ପିଟିଲେ

ନବରଙ୍ଗପୁର/ଚନ୍ଦାହାଣ୍ଡି, ୩୧।୭(ବି.ପ୍ର/ ଡି.ଏନ୍.ଏ.)

- କଙ୍ଗାରୁ କୋର୍ଟରେ ଚୋର କରି ଭିଡିଓ ଭାଇରାଲ କଲେ
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଥାନାରେ ଏତଲା ଦେଲେ ବାପା

ଭୁଲିଗଲେ ମାନବିକତା। ଯୁବକଙ୍କୁ ରାସ୍ତାରେ ହାତ ବାନ୍ଧି ମାଡ଼ ମାରିଲେ। ଆଇନର ଆଶ୍ରୟ ନ ନେଇ କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ନେଇ ରାସ୍ତା ଉପରେ ଅପମାନ ଦେବା ସହ ଦଣ୍ଡିତ କରିଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡ଼ା ପଞ୍ଚାୟତର ମୋତିଗାଁରେ ରବିବାର ଏଭଳି ଅମାନବୀୟ ଘଟଣା ଦେଖିବାକୁ ମିଳିଛି। ଝରିଗାଁ ବ୍ଲକ ଉରକିଗୁଡ଼ା ଗ୍ରାମର ବୃନ୍ଦାବନ ସାନ୍ତାଙ୍କୁ କେତେଜଣ ବ୍ୟକ୍ତି ହାତବାନ୍ଧି ମାରିଛନ୍ତି। ମାଡ଼ ମାରିବା ପରେ ଅଭିଯୁକ୍ତମାନେ ଏହାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରଲ କରିଛନ୍ତି।

ସୂଚନା ଅନୁଯାୟୀ, ସକାଳେ ବୃନ୍ଦାବନ ବାଇକ୍ ଯୋଗେ ତାଙ୍କର ସହପାଠୀ ଭୁଜବଳ ମାଝିଙ୍କ ନିକଟକୁ ଯାଇଥିଲେ। ଫେରିବା ସମୟରେ ରାସ୍ତାରେ ପେଟ୍ରୋଲ ସରିଯିବାରୁ ମୋତିଗାଁ ରାସ୍ତାପାର୍ଶ୍ୱରେ ବାଇକ୍ ରଖି ଗଛ ମୂଳରେ ବସିଥିଲେ। ଏହି ସମୟରେ କେତେଜଣ ଯୁବକ ଓ ସ୍ଥାନୀୟ ଲୋକ ବୃନ୍ଦାବନଙ୍କୁ ପିଲାଚୋର ଏବଂ ବାଇକ୍ ଚୋର କହି ହାତକୁ ଲାଠିରେ ବାନ୍ଧି ଉଲଗ୍ନ କରି ନିର୍ଦ୍ଦୟ ପିଟିଥିଲେ। ଖବର ପାଇଁ ଚନ୍ଦାହାଣ୍ଡି ପୋଲିସ ପହଞ୍ଚି ବୃନ୍ଦାବନଙ୍କୁ ଉଦ୍ଧାର କରିବା ସହ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ଓ ତଦନ୍ତ ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇଛନ୍ତି। ବୃନ୍ଦାବନଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବାବେଳେ ସେ ଅଚେତ ଥିବା ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୌମ୍ୟରଞ୍ଜନ ସାହୁ କହିଛନ୍ତି। ବୃନ୍ଦାବନଙ୍କ ବାପା ବୈଦ୍ୟ ସାନ୍ତା ଘଟଣା ନେଇ ଚାନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ମୋତିଗାଁ ଗ୍ରାମର କ୍ଷୀରଚନ୍ଦ୍ର ନାୟକ, ବବିନା ତ୍ରିପାଠୀ, ସିରାଜ ଶ୍ରୋ, ବୁଧେଶ୍ୱର ଶ୍ରୋ, କ୍ଷେତରାଜ ଶ୍ରୋ, ବନବାସୀ ନାୟକ, କପିଳ ରାଣା, ଦୁସା ତ୍ରିପାଠୀ, ଫୁଣ୍ଡେଲପଡ଼ା ଗ୍ରାମର ମୋହନ ନାୟକ, ଉଗ୍ରେସନ ପଟେଲନଙ୍କ ନାମରେ ଏତଲା ଦେଇଛନ୍ତି। ୯୩/୨୨ ରେ ଏକ ମାମଲା ରୁଜୁକରି ଏଏସ୍‌ଆଇ ବିଜୁରାମ ବାଘଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଆଇଆଇସି ପ୍ରେମାନନ୍ଦ ସୁନାନି କହିଛନ୍ତି।

ସୂଚନାଯୋଗ୍ୟ, ବୃନ୍ଦାବନ କୋରାପୁଟ ସ୍ଥିତ ନବୋଦୟ ବିଦ୍ୟାଳୟରେ ପଢୁଥିଲେ। ଯୁକ୍ତ ୩ ପରେ ସେ ଚେନାଇରେ ଏମ୍‌ଏ ପାସ୍ କରିଏବେ ପଣ୍ଡିଚେରୀରେ ପିଏଚ୍‌ଡି କରୁଛନ୍ତି। ପୋଷାକରୁ ସେ ଅଲେଖ ଧର୍ମାବଲମ୍ବୀ ଭଳି ଦେଖାଯାଉଛନ୍ତି। ବୃନ୍ଦାବନଙ୍କ ବାପାଙ୍କ କହିବା ହେଲା ପୁଅ ଅଧିକ ଗପସପ କରନ୍ତି ନାହିଁ କିନ୍ତୁ ସେ ଉଚ୍ଚଶିକ୍ଷିତ। ଅନ୍ୟପକ୍ଷରେ ପଡ଼ୋଶୀ କଳାହାଣ୍ଡି ଜିଲାରେ ଡକାୟତି ଦଳ ମାତିଥିବାରୁ ଅଞ୍ଚଳର ଲୋକେ ବାହାର ଲୋକଙ୍କୁ ସନ୍ଦେହ ନଜରରେ ଦେଖୁଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ସଚେତନ କରାଯିବା ଆବଶ୍ୟକ ରହିଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।


ବୃନ୍ଦାବନଙ୍କୁ ରାସ୍ତାରେ ବାନ୍ଧି ପିଟୁଛନ୍ତି ।

# ରାଜ୍ୟ ସରକାର ନିଯୁକ୍ତି ଉପରେ ଶ୍ୱେତପତ୍ର ଜାରି କରନ୍ତୁ: କଂଗ୍ରେସ

ନବରଙ୍ଗପୁର,୩୧।୭(ବି.ପ୍ର.)

ରାଜ୍ୟ ସରକାରର ୨୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୮ ବର୍ଷର ଶାସନରେ ନିଯୁକ୍ତି ନ ଥିବା ବିଡମ୍ବନାର ବିଷୟ। ଦେଶରେ ଯୁବପିଢ଼ି ପ୍ରତାରିତ ହୋଇ ଆସୁଛନ୍ତି। ବିଜେଡି ସରକାର ନିଯୁକ୍ତି ଉପରେ ଶ୍ୱେତପତ୍ର ଜାରି କରନ୍ତୁ। ନବରଙ୍ଗପୁରଠାରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଏହା କହିଛନ୍ତି।

ନବରଙ୍ଗପୁର ଜିଲା ଶିଳ୍ପ ବିହୀନ ହୋଇଥିବାରୁ ଏଠାରେ ଲୋକଙ୍କୁ କର୍ମ ନିଯୁକ୍ତିର ସୁଯୋଗ ମିଳିପାରୁନି। କଂଗ୍ରେସ ସମୟରେ ସରକାରୀ ମହାବିଦ୍ୟାଳୟ ସ୍ଥାପନ ଓ ରେଳପଥକୁ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଯୁବକମାନେ ୪ବର୍ଷରେ ଅଗ୍ନିପଥ ନିଯୁକ୍ତିରୁ ଅବସର ନେବେ। ୨୫ ପ୍ରତିଶତ ନିଯୁକ୍ତି ହରାଇବେ ଓ ୨୫ ପ୍ରତିଶତ ସ୍ଥାୟୀ ନିଯୁକ୍ତି ପାଇବେ। ଯେଉଁମାନେ ଚାକିରିରୁ ବାହାରିବେ ସେମାନେ କେବଳ ଶିଳ୍ପପତିଙ୍କ ନିକଟରେ ସିକ୍ୟୁରିଟି ଗାର୍ଡ ହୋଇ ରହିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଓ୍ୱାଇସି ସମ୍ପାଦକ ସୁରେଶ ନାରାୟଣ ଓଝା କହିଛନ୍ତି, ଯୁବକମାନେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରନ୍ତୁ ନଚେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନ୍ୟାୟ ନୀତି ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିଦେବ ବୋଲି ଓଝା କହିଛନ୍ତ। କଂଗ୍ରେସ ବେରୋଜଗାରକୁ ନେଇ ଆନ୍ଦୋଳନକୁ ଓହ୍ଲାଇବ। ନିଯୁକ୍ତି ବୟସସୀମା ୩୨ରୁ ୪୨କୁ ବୃଦ୍ଧି କରିବା ସହ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରାଯାଉ। ଶିକ୍ଷିତ ଯୁବତୀ ଯୁବକଙ୍କୁ ଜିଲା ଭିତ୍ତିକ ନିଯୁକ୍ତିରେ ଅଗ୍ରାଧିକାର ଦିଆଯାଉ। ଜିଲାରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ଦୁର୍ନୀତିରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ରାଜ୍ୟରେ ମଣ୍ଡି ଗୁଡ଼ିକରେ ହେଉଥିବା ସମସ୍ୟାର ସମାଧାନ ହେଉ। ନିଶାମୁକ୍ତ ଓଡ଼ିଶା ଗଠନ କରିବାରେ ସରକାର ପ୍ରାଥମିକତା ଦିଅନ୍ତୁ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ଏବଂ ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଅଙ୍କୁଶ ଲଗାଇ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏଓ୍ୱାଇସି ସମ୍ପାଦକ ଓଝା ଦାବି କରିଛନ୍ତି।

ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଯୁବ ଉପ ସଭାପତି ବିରେନ୍ଦ୍ର ବାଘ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ସମ୍ପାଦକ ବିଶ୍ୱନାଥ ଲେଙ୍କା, ରମେଶ ଖରା, ଶିଶିର ମାଦଳା, ଡିସିସି ସଭ୍ୟ ଦିଲୀପ ବେହେରା, ଅବଦୁଲ ଫିରୋଜ, ବୃନ୍ଦାବନ ତ୍ରିପାଠୀ, ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଓ୍ୱାଇସି ସମ୍ପାଦକ, ଏଓ୍ୱାଇସି ସମ୍ପାଦକ, ଜିଲା କଂଗ୍ରେସ ସଭାପତି ଓ ଅନ୍ୟମାନେ।

## ସଂକ୍ଷେପରେ

### ପାଣି ହାଣ୍ଡିରେ ବୁଡ଼ି ଶିଶୁକନ୍ୟା ମୃତ

ମାଲକାନଗିରି,୩୧।୭(ଡି.ଏନ.ଏ.)- ଘରେ କେହି ନ ଥିବାବେଳେ ପାଣି ହାଣ୍ଡିରେ ବୁଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହେବାଭଳି ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ମେକାଲସାହିରେ ଘଟିଛି। ଶିଶୁକନ୍ୟାଟି ଖେଳୁଥିବା ବେଳେ ସେ ଏକ ପାଣି ହାଣ୍ଡିରେ ପଡି ଯାଇଥିଲେ। ସେ ହେଉଛନ୍ତି ଗ୍ରାମର ବୁଦ୍ରା ମାଢ଼ିଙ୍କ ୧୧ ମାସର ଶିଶୁ କନ୍ୟା ଡଲି। ଘର ବାହାରେ ଖେଳୁଥିଲା ବେଳେ ବାହାରେ ରଖାଯାଇ ଥିବା ଏକ ପାଣି ଭର୍ତ୍ତି ହାଣ୍ଡିରେ ସେ ମୁହଁ ମାଡ଼ି ପଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହିବାରୁ ଶେଷରେ ତାଙ୍କ ମୃତ୍ୟୁ ହୋଇଛି।

### ବିଏସ୍‌ଏଫ୍ ଏଡିଜିଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

ଚିତ୍ରକୋଣ୍ଡା ୩୧।୭(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହନ୍ତାଲଗୁଡା ବିଏସ୍‌ଏଫ୍ କ୍ୟାମ୍ପ ଓ ଚିତ୍ରକୋଣ୍ଡା ସଦର ମହକୁମାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପକୁ ବିଏସ୍‌ଏଫ୍ ଏଡିଜି ଆଶିଷ ଗୁପ୍ତା ପରିଦର୍ଶନ କରିଛନ୍ତି। ରବିବାର ଅପରାହ୍ନ ୨ଟାରେ ଏଡିଜି ଗୁପ୍ତା ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଚିତ୍ରକୋଣ୍ଡାସ୍ଥିତ ବିଏସ୍‌ଏଫ କ୍ୟାମ୍ପରେ ପହଞ୍ଚିଥିଲେ। ତାଙ୍କ ସହ ବିଏସ୍‌ଏଫ୍ ଆଇଜି ବିପୁଲ ବିରଗୁସେନ ଓ ସତୀଶ ବୁଦାକୋଟି ଥିଲେ। ବିଏସ୍‌ଏଫ୍ ନବମ ବାଟାଲିୟନର କମାଣ୍ଡାଣ୍ଟ ରାଜୀବ ସୁନୀଲ ମିଞ୍ଜ ଏଡିଜିଙ୍କୁ ସ୍ୱାଗତ କରିଥିଲେ। ମାଓବାଦୀ ଦମନ ନେଇ ବିଏସ୍‌ଏଫ୍ କ୍ୟାମ୍ପରେ ରଣନୀତି ପ୍ରସ୍ତୁତ କରିବା ସହ ବିଏସ୍‌ଏଫ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯବାନମାନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଏସ୍‌ଏଫ୍ ଏଡିଜି ସ୍ୱାଭିମାନ ଅଞ୍ଚଳର ହନ୍ତାଲଗୁଡା ବିଏସ୍‌ଏଫ୍ କ୍ୟାମ୍ପକୁ ଯାଇ ସେଠାରେ କାର୍ଯ୍ୟରତ ବିଏସ୍‌ଏଫ୍ ଅଧିକାରୀ ଓ ଯବାନମାନଙ୍କୁ ଭେଟିଥିଲେ।

### ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ

ମାଲକାନଗିରି, ୩୧।୭(ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହକୁମରରେ ଥିବା ଶହୀଦ ଲକ୍ଷ୍ମଣ ନାୟକ ଭବନରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଏହି ଅଞ୍ଚଳରେ ୨୫ ହଜାର ଉପଭୋକ୍ତା ରହଛନ୍ତି। ସମସ୍ତଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଦେଶ ଉନ୍ନତିରେ ବିଦ୍ୟୁତ୍ ବିଭାଗର ଭୂମିକା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ବସନ୍ତ ରେଡ୍ଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜିଲା ଜଜ୍, ପୋକ୍ସୋ କୋର୍ଟ ବିଚାରପତିଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୩୧।୭ (ନି.ପ୍ର.) - ଜୟପୁରସ୍ଥିତ ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର ଓ ପୋକ୍ସୋ କୋର୍ଟ ଜଜ୍ ସିଏଚ ବାସୁଦେବ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଜିଲା ବାର ସଦସ୍ୟ ଆଇନଜୀବୀ ଅଶୋକ ମିଶ୍ରଙ୍କୁ ପ୍ରୋମିସିଂ ଲୋୟାର ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କୁ ମଧ ରବିବାର ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନାବାଳିକା ଛାତ୍ରୀ ଅପହୃତ, ଥାନାରେ ମାମଲା

ଦିଗପହଣ୍ଡି,୩୧।୭(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁରୁ ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଗତ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ତାଙ୍କ ମାମୁଁ ଘରେ ରହି ପାଠ ପଢୁଥିଲେ। ଗତ ଶନିବାର ସକାଳେ ଦିଗପହଣ୍ଡି ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ସେ ଯାତ୍ରୀବାହୀ ବସରେ ଅନ୍ୟ ସାଙ୍ଗ ମାନଙ୍କ ସହ ଟ୍ୟୁଶନ ପାଇଁ ଆସିଥିଲେ। କିନ୍ତୁ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ମିଳିନଥିବାରୁ ଏନେଇ ଛାତ୍ରୀଙ୍କ ମା' ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୭୧/୨୨ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଚଢାଉ ପୂର୍ବରୁ ୧୨ ବସ୍ତା କଇଁଛ ଗାଏବ

■ ମାନ୍ୟମକୋଣ୍ଡାର କାଲୁଗୁଡା ଜଙ୍ଗଲରେ ଚାଲିଥିଲା କାରବାର
■ କର୍ମଚାରୀ ଆସିବା ପୂର୍ବରୁ କଇଁଛ ଧରି ବ୍ୟବସାୟୀ ପାର
■ ବନ ବିଭାଗର ତଲାସି ଜାରି

ମାଲକାନଗିରି,୩୧।୭(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଆନ୍ଧ୍ରରୁ ଚୋରା କଇଁଛ ଆଣି ବିକ୍ରି କରି ପୂର୍ବରୁ ଅନେକ ଧରା ପଡିଥିବା ନଜୀର ରହିଛି। ଏହା ସତ୍ତ୍ୱେ ବ୍ୟବସାୟୀମାନେ ଏହି କାରବାରରୁ ନିବୃତ ହୋଇନାହାନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମୋଟୁ ବନାଞ୍ଚଳରେ। ମୋଟୁ ବନାଞ୍ଚଳର ମାନ୍ୟମକୋଣ୍ଡା ପଞ୍ଚାୟତ କାଲୁଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ କେତେକ ବ୍ୟବସାୟୀ ବେଆଇନ ଭାବେ କଇଁଛ କାରବାର ଚଳାଇଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ଓ ଫରେଷ୍ଟର ମୁରଲିଧର ଅନୁଗୁଳିଆ କର୍ମଚାରୀଙ୍କୁ ନେଇ ଉକ୍ତ ଜଙ୍ଗଲକୁ ଯାଇଥିଲେ। ତେବେ କୌଣସି ପ୍ରକାରେ ଖବର ପାଇ ଚୋରା କାରବାର କରୁଥିବା ବ୍ୟବସାୟୀମାନେ ସେଠାରୁ ୧୨ଟି ବସ୍ତାରେ ଥିବା କଇଁଛ ଧରି ଫେରାର ହୋଇ ଯାଇଥିଲେ। ଏହା ୬/୭ କୁଇଣ୍ଟାଲ ହେବ। ବନ ବିଭାଗ କର୍ମଚାରୀ ମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଜାରି ରଖିଛନ୍ତି। ଏହି କଇଁଛ ଚୋରା କାରବାରରରେ ଆନ୍ଧ୍ରପ୍ରଦେଶର ଶେଖର ରେଡ୍ଡି ଓ ମାଲକାନଗିରି ଜିଲା ଏମ୍.ଭି.-୭୨ ଗ୍ରାମର ଉଦୟ ନାମକ ବ୍ୟକ୍ତି ସମ୍ପୃକ୍ତ ଥିବା କୁହାଯାଉଛି। ପୂର୍ବରୁ ସେ କଇଁଛ ଚୋରା ଚାଲାଣ କରି ବନବିଭାଗ ଦ୍ୱାରା ଧରା ପଡିଥିବା ନଜୀର ରହିଛି। ଶେଖର ଓଡ଼ିଶାର ମାଲକାନଗିରିକୁ ଚୋରାରେ କଇଁଚ ଚାଲାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ପଡିଆରେ ଏଣେତେଣେ ପଡିଥିବା କଇଁଛ ଭର୍ତ୍ତି ବସ୍ତା।

# ବଣ୍ଡା ଘାଟି ଗସ୍ତ କରି ସମୀକ୍ଷା କଲେ ଜିଲାପାଳ

ମାଲକାନଗିରି, ୩୧।୭(ଡି.ଏନ.ଏ.)

ମାଲକାନଗିରି ଜିଲାର ବଣ୍ଡାଘାଟି ଗସ୍ତ କରି ଜିଲାପାଳ ବିଶାଲ ସିଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବଣ୍ଡାଘାଟି ଅଞ୍ଚଳ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟାରେ ରହୁଛି। ରାଜ୍ୟ ସରକାରଙ୍କ ପ୍ରୟାସରେ ଅଞ୍ଚଳରେ ବିକାଶ ହେଉଛି। ସମୁଦ୍ର ପତନଠାରୁ ୫ହଜାର ଫୁଟ ଉପରେ ଥିବା ଏହି ଅଞ୍ଚଳରେ ଆଦିମ ଜନଜାତିର ବଣ୍ଡା ଲୋକେ ବସବାସ କରନ୍ତି। ଏବେ ମଧ ଉକ୍ତ ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଏହି ସମସ୍ୟାଗୁଡିକର ସମାଧାନ ପାଇଁ ସରକାରୀ ସ୍ତରରେ ପ୍ରୟାସ ଜାରି ରହିଥିବା ବେଳେ ଜିଲାପାଳଙ୍କ ଗସ୍ତ ଓ ସମୀକ୍ଷା ବେଶ୍ ଆଲୋଚନାର ବିଷୟ ହୋଇଛି। ଜିଲାପାଳ ସିଂ ଜିଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ଦୁର୍ଗମ ବଣ୍ଡାଘାଟି ଅଞ୍ଚଳର ମୁଦୁଲିପଡା ଓ ଅଣ୍ଡ୍ରାହାଲ ପଞ୍ଚାୟତର ଅନେକ ଗ୍ରାମକୁ ଯାଇ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଏଠାରେ ରହୁଥିବା ଆଦିମ ବଣ୍ଡା ସମ୍ପ୍ରଦାୟର ସମସ୍ୟା ବୁଝିଥିଲେ। ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପାନୀୟ ଜଳ, ଭତ୍ତା ବଣ୍ଟନ, ଅଙ୍ଗନ୍‌ୱାଡି କେନ୍ଦ୍ର ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଲୋକେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି ସମୟରେ ଖଇରପୁଟ ବିଡିଓ ତଥା ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ଲିଡର୍ ହୃଦାନନ୍ଦ ସାହୁ, ବ୍ଲକ ଓ ବିଡିଏ ସଂସ୍ଥାର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ବଣ୍ଡା ଅଧିବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

କୋରୁକୋଣ୍ଡା ୩୧।୭(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଏମ୍‌ଭି-୫୧ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି। ଶିକ୍ଷକମାନଙ୍କ ସମସ୍ୟା ବୁଝି ସମାଧାନ କରିବାରେ ରୁଚି ରଖିଥିବା ରମେଶ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କ ପାଇଁ ଆୟୋଜିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ବିଜୟ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ବାଲିମେଳା ଇରିଗେସନ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ଦିଲୀପ ବେପାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଠାକୁର ଦାସ ମାଝି, ସିଆରସିସି ବୈକୁଣ୍ଠନାଥ ମହାନ୍ତି, ସିଆରସିସି ସୁଶାନ୍ତ ଦଳେଇ, ସିଆର୍‌ସିସି କଲ୍ୟାଣୀ ସ୍ୱାଇଁ, ଲଳିତ ସାମଲ, ସିଆର୍‌ସିସି ଗୋଲକ ମହାନ୍ତି, ପ୍ରଭାତ ପରିଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି କୋରୁକୋଣ୍ଡା ପଞ୍ଚାୟତ ବୁଢୁଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରାଓ ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାରେ ପ୍ରଧାନଶିକ୍ଷକ ନୀଳକାନ୍ତ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ସଞ୍ଜୟ କୁମାର ମାଲାକାର,ଏସଏମସି ସଭାପତି ବଳରାମ ଗୌଡ ଏବଂ ସମ୍ମାନୀୟ ଅତିଥି ରୂପେ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଶିକ୍ଷକଙ୍କ ମୃତ୍ୟୁ

ଚିତ୍ରକୋଣ୍ଡା,୩୧।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଜଣେ ଶିକ୍ଷକଙ୍କ ପରଲୋକ ହୋଇଛି। ତାଙ୍କ ନାମ ଲକ୍ଷ୍ମୀ ଗୋଲରୀ। ସେ ପଲାସପଦର ବିଦ୍ୟାଳୟରେ ଶିକ୍ଷକ ଥିଲେ। ଶିକ୍ଷକ ଜଣକ ଚିତ୍ରକୋଣ୍ଡା ସ୍ଲିଲୱେସ୍ଥିତ ନିଜ ବାସଭବନରେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିତ୍ରକୋଣ୍ଡା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜୟପୁରରେ ସାଇବର ଥାନା ପ୍ରତିଷ୍ଠା ଦାବି

### ଆମ ପୋଲିସ ସମିତି ବୈଠକ

ଜୟପୁର, ୩୧।୭ (ନି.ପ୍ର.)

ଜୟପୁର ଟାଉନ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ସହ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସାଇବର ଅପରାଧ, ଟ୍ରାଫିକ ସମସ୍ୟା, ସହରରେ ମଦ କାରବାର ରୋକିବା, ନାବାଳକମାନେ ବାଇକ୍ ଚଲାଇବା ଉପରେ ରୋକ ଲଗାଇବା, ଦ୍ରୁତ ବେଗରେ ବାଇକ୍ ଚଳାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଚୋରି, ଲୁଟ୍ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ କୋରାପୁଟରେ ଥିବା ସାଇବର ପୋଲିସ ଥାନାକୁ ଜୟପୁରରେ ପ୍ରତିଷ୍ଠା କରିବାକୁ ସହରବାସୀ ଦାବି କରିଥିଲେ। ବୈଠକରେ ଏସ୍‌ଆଇ ସଞ୍ଜୀବ ମହାନ୍ତି, ବିଷ୍ଣୁ ଚରଣ ବେହେରା, ବିଷ୍ଣୁ ମାଡକାମି, ଏଏସ୍‌ଆଇ ସତ୍ୟ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ସଦର ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ବାରୁଣୀପୁଟରେ ହୋଇଥିଲା। ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଯୋଗଦେଇ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ। ଅଜଣା ଲୋକଙ୍କ କଲ୍ ଆସିଲେ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ନ ଦେବା, ଓଟିପି ନମ୍ବର କାହାକୁ ନ ଦେବା, ଅପରିଚିତ ଲୋକଙ୍କ ଫୋନ ରିସିଭ୍ ନ କରିବାକୁ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା। ପୋକ୍ସୋ ଆଇନ ଉପରେ ସଚେତନ କରିବା ସହ ବାଲ୍ୟ ବିବାହରେ ରୋକ ଲଗାଇବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବାଇକ୍ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା, ଘରଭଡା ଦେବା ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ କାଗଜପତ୍ର ରଖିବା, ଏନେଇ ପୋଲିସ ସୂଚନା ଦେବାକୁ ବୈଠକରେ ଆଲୋଚନା ହୋଇଥିଲା।

## ୧୦ରେ ସର୍ବଭାରତୀୟ ଦିନିକିଆ ଧର୍ମଘଟ

ଜୟପୁର, ୩୧।୭ (ନି.ପ୍ର.)

ଏଲ୍‌ଏଫ୍‌ପିଇ,ଏଫଏନପିଓ ୟୁନିୟନ ଓ ଏଆଇଜିଡିଏସ୍‌ୟୁ, ଜିଡିଏସ ୟୁନିୟନ କୋରାପୁଟ ଡାକ ଡିଭିଜନାଲ ଶାଖା ପକ୍ଷରୁ ଜୟପୁରସ୍ଥିତ ସରୋଜିନୀ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୦ରେ ହେବାକୁ ଥିବା ସର୍ବଭାରତୀୟ ଦିନିକିଆ ଧର୍ମଘଟ ସଫଳ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଭାରତୀୟ ଡାକର ଘରୋଇକରଣକୁ ବନ୍ଦ କରିବା, ଆଇପିପିବି ବ୍ୟାଙ୍କରେ ଇଣ୍ଡିଆ ପୋଷ୍ଟର ବୃହତ ସଞ୍ଚୟ ବ୍ୟାଙ୍କର ମିଶ୍ରଣକୁ ବିରୋଧ କରାଯାଇଥିଲା। ଡାକମିତ୍ର କାର୍ଯ୍ୟକାରିତା ବନ୍ଦ କରିବା, ଗ୍ରାମୀଣ ଡାକ ସେବକଙ୍କୁ ଚାକିରିଆ ଭାବେ ଗଣନା କରିବା, ଆର୍‌ଏମ୍‌ଏସ୍ ବିଭାଗ ଉଚ୍ଛେଦକୁ ବନ୍ଦ କରିବା, ପୁରୁଣା ପେନସନ ଲାଗୁ କରିବା, ଖାଲି ପଡିଥିବା ପଦବୀ ପୂରଣ କରିବା, କର୍ମଚାରୀଙ୍କ ପ୍ରତି ପ୍ରତାରଣା ମନୋଭାବ ବଦଳାଇବା ଆଦି ଦାବିରେ ଆସନ୍ତା ଅଗଷ୍ଟ ୧୦ରେ ସମସ୍ତ ଡାକ ବିଭାଗ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ଏଆଇପିଇୟୁ କୋରାପୁଟ ଡିଭିଜନର ସମ୍ପାଦକ ଅମିୟ ରଞ୍ଜନ ମହାରଣା, ସଭାପତି ଏ. ଉମା ମହେଶ୍ୱର, ନୀଳାମ୍ବର ନାୟକ, ରାଜେନ୍ଦ୍ର ପ୍ରସାଦ ସାହୁ, ଶିବ ପ୍ରସାଦ ସାହୁ, ସୋନୁ ମାଝୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଭାସ୍କର ପଟ୍ଟନାୟକ, ବିଦ୍ୟା ଭୂଷଣ ବେହେରା, ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କରାଟେକା ପଦକଧାରୀଙ୍କୁ ସମ୍ବର୍ଦ୍ଧନା

ସେମିଳିଗୁଡ଼ା,୩୧।୭ (ସ୍ୱ.ପ୍ର.)

ସେମିଳିଗୁଡାସ୍ଥିତ ଉତ୍କଳ କରାଟେ ସ୍କୁଲର କରାଟେକା ମେଡାଲିଷ୍ଟମାନଙ୍କୁ ସମ୍ମାନିତ କରାଯାଇଛି। ସେମାନେ ଦ୍ୱିତୀୟ ପୂର୍ବାଞ୍ଚଳରେ ଅନୁଷ୍ଠିତ କରାଟେକା ଚମ୍ପିୟନଶିପ ୨୦୨୨ରେ ଭାଗ ନେଇ ୧୧ଟି ମେଡାଲ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଥିଲେ। ଏହି ମେଡାଲିଷ୍ଟମାନଙ୍କୁ ଉତ୍ସାହିତ କରିବା ପାଇଁ ନିକଟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ସନ୍ଦିପ ପଟ୍ଟନାୟକ, ସଞ୍ଜିବନୀର ମୁଖ୍ୟ ସଞ୍ଜୀବ ମହାନ୍ତି, ଯୋଗଦେଇ କରାଟେକାମାନଙ୍କୁ ସମ୍ମାନିତ କରିଥିଲେ। ଉତ୍ସବରେ ୪ ବର୍ଷ ବୟସର ସବୁଠାରୁ କନିଷ୍ଠ କରାଟେକା ରୁଦ୍ରାଂଶୁ ସାମଲ ଭାରତୀୟ ବୁକ୍ ଅଫ୍ ରେକର୍ଡ଼ସରେ ସ୍ଥାନ ପାଇଥିବାରୁ ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସେମିଳିଗୁଡା କୋର୍ଟ ସେନସେଇ ରାଜେନ୍ଦ୍ର ସାମଲ ଓ ଶିକ୍ଷୟିତ୍ରୀ ଅରୁଣା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ହୋଇଥିବା କରାଟେକାମାନେ ହେଲେ ନନ୍ଦିନୀ ନାୟାର, ରୋହନ ଦୁରିଆ, ଡାନିଏଲ ଜାନି, ଦୀପ୍ତି ନାମଦେବ, ଆର୍ଯ୍ୟାନ ପଟ୍ଟନାୟକ, ଶୁଭମ ନାୟକ, ଚନ୍ଦନ ପାଙ୍ଗି, ହର୍ଷଦ କୁମାର, ତପସ୍ୱିନୀ ନାୟକ ଓ ହିମାଂଶୁ ପଣ୍ଡା।



ସମ୍ମାନିତ ହୋଇଥିବା ମେଡାଲିଷ୍ଟମାନେ।

# ୨ ବିଦ୍ୟାଳୟ ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ସାମିଲ ହେଲା

ମାଲକାନଗିରି, ୩୧।୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତ ଏମପିଭି-୮୨ ଗ୍ରାମରେ ଥିବା ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ସରକାରଙ୍କ ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ପରିଣତ ହୋଇଛି। ଏନେଇ ବିଦ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ କାଲିମେଳା ଅତିରିକ୍ତ ବିଏଲକେ ଶିକ୍ଷା ଅଧିକାରୀ ଚିନ୍ତାହରଣ ମଧୁ, ସିଆରସିସି ରବୀନ୍ଦ୍ର ମଣ୍ଡଳ, ପ୍ରଧାନଶିକ୍ଷକ ଗୋଦାବରୀଶ ଦାସଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ଗ୍ରାମ ସଭାପତି ସପନ ମଣ୍ଡଳ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ସେହିପରି କାଲିମେଳା ବ୍ଲକ ଅନ୍ତର୍ଗତ ଅନନ୍ତପଲ୍ଲୀ ବିଦ୍ୟାଳୟ ମଧ ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ପରିଣତ ହେବାକୁ ଚୟନ ହୋଇଛି। ସେଠାରେ ମଧ ଏକ ବୈଠକ ହୋଇଥିଲା। ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ରମେଶଚନ୍ଦ୍ର ବାରୋଇ, ସିଆରସିସି ଦୀପଙ୍କର ବିଶ୍ୱାସ, ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଡ଼ି, ଏସ୍‌ଏମ୍‌ସି କମିଟି ସଭାପତି ବିଜୟ ମାଡ଼ି, ବିଜୁ ଜନତା ଦଳର ଜିଲା ଯୁବ ଜନତା ସଭାପତି ଆଡମା ରାବା, ପିଇଓ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ୫-ଟିରେ ରୂପାନ୍ତରିତ ହେଲେ ଛାତ୍ରୀମାନେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ଶ୍ରେଣୀ ଗୃହରେ ଶିକ୍ଷା ଲାଭ କରିବେ। ଏହି କାର୍ଯ୍ୟକୁ ସୁଚାରୁରୂପେ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

# କ୍ରାନ୍ତିଜ୍ୟୋତି ରାଷ୍ଟ୍ରମାତା ସାବିତ୍ରୀବାଈ ଫୁଲେ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସୁନାବେଡ଼ା,୩୧।୭(ସ୍ୱ.ପ୍ର.)

ସୁନାବେଡ଼ା ହାଲ୍ ଏସ୍‌ସି/ଏସ୍‌ଟି ଏମ୍ପ୍ଲୋଇଜ୍ ଏବଂ ଅଫିସର ଆସୋସିଏଶନ ପକ୍ଷରୁ କ୍ରାନ୍ତିଜ୍ୟୋତି ରାଷ୍ଟ୍ରମାତା ସାବିତ୍ରୀବାଈ ଫୁଲେ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଭଞ୍ଜମଣ୍ଡପ ନିକଟସ୍ଥ ଇନଡୋର ବ୍ୟାଡମିଣ୍ଟନ ହଲରେ ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଶନ ସଭାପତି ଦମୟନ୍ତ ମିନ୍ଧାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଲ ମାନବସମ୍ବଳ ବିଭାଗ ମୁଖ୍ୟ ପ୍ରବନ୍ଧକ ଅମ୍ରିତା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାତା ସାବିତ୍ରୀ ବାଈ ଫୁଲେଙ୍କ ମହିଳା ସମାଜ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ହାଲ୍ ମାନବ ସମ୍ବଳ ବିଭାଗ ପ୍ରବନ୍ଧକ ଝରଣା ମହାପାତ୍ର, ହାଲ ଏଚ୍‌ଏଇଏର ସାଧାରଣ ସମ୍ପାଦକ ଶିବାଜୀ କହଁର, ସମାଜିକ କର୍ମୀ ଶେଖ୍ ଇବ୍ରାହିମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସାଙ୍ଗଠନିକ ସମ୍ପାଦକ ଚନ୍ଦନ ସିଂ ସ୍ୱାଗତ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ କର୍ମକର୍ତ୍ତା ଡେପୁଟି ନେତି, ବଳରାମ ଚମ୍ପିଆ, ବିମଳ ମୁଣ୍ଡା, ଟିକେଶ୍ୱର କିଶାନ, ମହାଦେବ ଡଙ୍ଗରି, ସୁଧାମୟ ତନ୍ତୀ, ପୌଲ ପ୍ରମୋଦ ଲାକ୍ରା କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ୪ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫୦ରୁ ଉର୍ଦ୍ଧ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ।

## ଶିକ୍ଷକଙ୍କ ମାଡ଼ରେ ପ୍ରଥମ ଶ୍ରେଣୀ ଛାତ୍ର ଅସୁସ୍ଥ

କବିସୂର୍ଯ୍ୟନଗର,୩୧।୭(ଡି.ଏନ.ଏ.)

ଶିକ୍ଷକଙ୍କ ମାଡ଼ରେ ଶନିବାର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ (ଏ)ବରିଡ଼ା ଗ୍ରାମର ଏକ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଅସୁସ୍ଥ ହୋଇଛନ୍ତି। ସେ ହେଲେ ଗୋପାଳ ମହାରଣା (୫)।ଗୋପାଳଙ୍କ ବାପା ଦୁବାଇରେ କାମ କରୁଥିବା ବେଳେ ସେ ମା' ସହ ବରିଡ଼ା ଗ୍ରାମରେ ରହୁଥିଲେ। ଶନିବାର ଗୋପାଳ ବିଦ୍ୟାଳୟକୁ ଯାଇଥିଲେ। ଶିକ୍ଷକ ଜଣକ ପାଠ ପଢ଼ାଇଲା ବେଳେ ଗୋପାଳ ମିଳନ ସ୍ତମ୍ଭରେ ଭୁଲ୍‌ରେ ଦୁଇଥର ଗାର ଟାଣିଦେଇଥିଲେ। ଏଥିରେ ରାଗିଯାଇ ଶିକ୍ଷକ ଏକ ବେତରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଛାତ୍ର ଜଣକ ଅସୁସ୍ଥ ହେବାରୁ ତାଙ୍କୁ ବରିଡ଼ା ମେଡିକାଲ ନିଆଯାଇଥିଲା। ବର୍ତ୍ତମାନ ଛାତ୍ର ଘରେ ଥିବା ବେଳେ ସମ୍ପୃକ୍ତ ଶିକ୍ଷକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏବିଇଓ ବିଷ୍ଣୁପ୍ରିୟା ନାୟକ ଓ ବିଇଓ ଅକ୍ଷରତିବାଳା ପଟ୍ଟନାୟକଙ୍କୁ ପଚାରିବାରୁ ସୋମବାର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଚାଷ ଆରମ୍ଭରୁ ସମସ୍ୟାରେ ଚାଷୀ

■ ମଣ୍ଡି କାର୍ଡ, ସାର ପାଇଁ ହଇରାଣ ହେଉଛନ୍ତି
■ ପ୍ରତି ପଞ୍ଚାୟତରେ ସାର ଦେବା ବ୍ୟବସ୍ଥା କରିବାକୁ ଦାବି
■ ଚାଷୀଙ୍କ ସମସ୍ୟା ସବୁ ଦୂର କରାଯିବ: ଜିଲା କୃଷି ଅଧିକାରୀ

ମାଲକାନଗିରି, ୩୧।୭(ଡି.ଏନ.ଏ.)

ମାଲକାନଗିରି ଜିଲାରେ ସରକାରୀ ସୁବିଧା ପାଇବାରେ ଚାଷ ଆରମ୍ଭରୁ ଚାଷୀମାନଙ୍କ ପାଇଁ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ମଣ୍ଡି କାର୍ଡ କରିବାକୁ ଆଧାର କାର୍ଡ ଧରି ଚାଷୀ ଦୀର୍ଘ ସମୟ ଧରି ଲାଇନରେ ଛିଡା ହୋଇ ସମସ୍ୟା ଭୋଗୁଛନ୍ତି। ଅନ୍‌ଲାଇନ ସମସ୍ୟା ଯୋଗୁ ସେମାନଙ୍କୁ ଏହି ମଣ୍ଡି କାର୍ଡ ଲାଗି ଆସି ସେମାନେ ହନ୍ତସନ୍ତ ହେଉଛନ୍ତି। ଗୋଟିଏ ଦିନରେ କାମ ନ ହେଲେ ପୁଣି ଅନ୍ୟ ଦିନରେ ଚାଷକାମ ବନ୍ଦ କରି ଆସିବାକୁ ପଡୁଛି। ଫଳରେ ଯେଉଁ ସମୟରେ ଜମିରେ ଚାଷରେ ସମୟ ଦେବା କଥା ତାହା ନ ହୋଇ ମଣ୍ଡି କାର୍ଡ ପାଇଁ ସେମାନଙ୍କ ସମୟ ବିତୁଥିବା ଚାଷୀ ଅଭିଯୋଗ କରିଛନ୍ତି। ତେବେ କେବଳ ମଣ୍ଡି ସମସ୍ୟା ନୁହେଁ ସାର ପାଇଁ ମଧ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ସାର ପାଇଁ ଲ୍ୟାମ୍ପ ଗଲେ ମଧ ଲାଇନରେ ଛିଡା ହୋଇ ସାର ଆଣିବାକୁ ପଡୁଛି। ମାତ୍ର ଆବଶ୍ୟକ ମୁତାବକ ସାର ଲ୍ୟାମ୍ପରୁ ମିଳନି। ଯାହା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। ଶେଷରେ ଚାଷୀ ଅଧିକ ଟଙ୍କା ଦେଇ ବାହାରୁ ସାର କିଣିବାକୁ ବାଧ ହେଉଥିବା ସେମାନେ କହିଛନ୍ତି। ମାଲକାନଗିରି ଲ୍ୟାମ୍ପ ଅଧୀନରେ ମାଲକାନଗିରି ପୌର ପରିଷଦ ବ୍ୟତୀତ ୧୫ଟି ପଞ୍ଚାୟତ ନିର୍ଭର କରିଥାଏ। ପ୍ରତ୍ୟେକ ପଞ୍ଚାୟତରେ ସାର ଦେବା ସହ ଅନ୍ୟାନ୍ୟ ସୁବିଧା କଲେ ଚାଷୀମାନେ ଉପକୃତ ହେବେ। ଏ ସମ୍ପର୍କରେ ମାଲକାନଗିରି ଜିଲା କୃଷି ଅଧିକାରୀ ନନ୍ଦାଗିରି ରାମକୃଷ୍ଣ ହାଏଗ୍ରିବଙ୍କୁ ପଚାରିବାରୁ ସେ କହିଲେ ଯେ, ସମସ୍ତ ଲ୍ୟାମ୍ପକୁ ସାର ପଠାଯାଉଛି। ଚାଷୀମାନଙ୍କ ଯାହା ସମସ୍ୟା ହେଉଛି ତାକୁ ଯଥା ସମ୍ଭବ ଦୂର କରାଯିବ। ଜିଲାରେ ସାରର କଳା ବଜାର ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ଚାଷୀଙ୍କୁ ଯେତିକି ସାର ପ୍ରଦାନ କରାଯାଉଛି ତାହାଠାରୁ ଅଧିକ ଦରକାର ହେଲେ ସେମାନେ ନେଇ ପାରିବେ ବୋଲି ହାଏଗ୍ରୀବ କହିଛନ୍ତି।

